# ଦାବି

କବି ରଘୁନାଥ ଦାସ

ଏ ଜୀବନ ଆସେ ସରି, ତେଣୁ ବନ୍ଧୁ, ମାଗଇ ବିଦାୟ
ଯିବି ଚାଲି ସନ୍ଧ୍ୟାଗମେ ପରପାରେ ଚକୋରୀର ପ୍ରାୟ;
ତେଜି ସାଥୀ, ପ୍ରିୟଜନ, ଦେଇଥିଲିଯାହାର ଗୋପନେ
ସ୍ଥାନ  ମୁହିଁ ବିପୁଳ ଉଚ୍ଛ୍ୱାସେ ହୃଦୟର ଉଚ୍ଚ ସିଂହାସନେ ।

ବୁଲୁବୁଲୁ ଯାର ସାଥେ ହୋଇଥିଲା ପ୍ରଣୟ ଗଭୀର
ଦ୍ବିଧା କରି ଏକ ପ୍ରାଣ କେସନେ ମୁଁ ଯିବି ଆନ ଘର?
ନାହିଁ ଆନ ଯିବା ବିନା ସୃଷ୍ଟିର ଏକ କ୍ରୁର ଆଜ୍ଞା ମାନି,
ବିଧାତା ଶୁଣେ ନା ଯେଣୁ ହୃଦଗତ ବ୍ୟଥାର କାହାଣୀ ।

ତେଣୁ ଆଜି ତୁମ ଆଗେ ମାନବର ଗୁରୁ ଏକ ଦାବି ।
ଅଳସ ମୁହୂର୍ତ୍ତେ ଯେବେ ଉଠିବଇଁ ଶିଶୁ ସମ ଚେଇଁ
ଦୂର ଅତୀତର ସ୍ମୃତି, ପୁରୁଣା ଏ ହତଭାଗା ଲାଗି
ଛୋଟ ଏକ ଦୀର୍ଘଶ୍ବାସ ଦେବ ସଂଜ-ପବନେ ମିଶାଇ ।

ପରଶିବ ଯେବେ ଯାଇ ସେଇ ବାଆ ଶମଶାନ ମାଟି

www.jatayu.org

Powered by Tekons

# ଦାବି

କବି ରଘୁନାଥ ଦାସ

କ୍ଷଣେ ମୋ ସମାଧି ଅଙ୍ଗେ ନାଚିଯିବ ଜୀବନର ନାଟୀ ।

(ସହକାର-୨୧ଶ ବର୍ଷ-୨ୟ ସଂଖ୍ୟା-୧୯୪୦)

www.jataayu.org

Powered by Tekons